## ସଂକ୍ଷେପରେ

### ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ବ୍ରହ୍ମପୁର ଅଫିସ,୫।୫ : ବ୍ରହ୍ମପୁର ରେଞ୍ଜ ଅଧୀନରେ ଥିବା ୫ଗୋଟି ପୋଲିସ ଜିଲା ମଧ୍ୟରୁ ତିନୋଟି ପୋଲିସ ଜିଲାରେ କାର୍ଯ୍ୟରତ ଥିବା ୩ ଜଣ ଇନ୍ସପେକ୍ଟରଙ୍କୁ ଅଦଳବଦଳ କରାଯାଇଛି। ଗଞ୍ଜାମ ପୋଲିସ ଜିଲାରେ ଥିବା ଇନ୍ସପେକ୍ଟର ଦୀପ୍ତିରଞ୍ଜନ ବେହେରାଙ୍କୁ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି କରାଯାଇଛି। ସେହିପରି ଗଜପତି ଜିଲାରେ ଇନ୍ସପେକ୍ଟର ଥିବା ଅହଲ୍ୟା ମହାରଣାଙ୍କୁ ବ୍ରହ୍ମପୁର ପୋଲିସ ଜିଲାକୁ ବଦଳି କରାଯାଇଛି। ଦିଗପହଣ୍ଡି ଥାନା ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ ଗତ ସୋମବାର ବ୍ରହ୍ମପୁର ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ବୁଧବାର ପୁଣିଥରେ ତାଙ୍କୁ ସେଠାରୁ ଗଞ୍ଜାମ ପୋଲିସ ଜିଲାକୁ ବଦଳି କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

### ୧୧୫ ୟୁନିଟ୍ ରକ୍ତ ସଂଗ୍ରହ

ରମ୍ଭା,୫।୫-ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ପୋଲିସ ଷ୍ଟେଶନରେ ନୂତନ କୋଠା ନିର୍ମାଣର ବର୍ଷପୂର୍ତ୍ତି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ ରାୟ, ସମ୍ମାନିତ ଅତିଥି ଭାବେ ଏସଡିପିଓ ଗୌତମ କିସାନ, ରମ୍ଭା ଥାନାଧିକାରୀ ଦୀପ୍ତି ରଞ୍ଜନ ବେହେରା, ହୁମା ଫାଣ୍ଡି ଅଧିକାରୀ ଦେବବ୍ରତ ପ୍ରିୟଦର୍ଶୀ, ଗଞ୍ଜାମ ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ସୁରଥ ପାହାନ, ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ରମ୍ଭା ଏନଏସି ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ, ସୀମାଞ୍ଚଳ ବାଡତ୍ୟା ଉପସ୍ଥିତ ରହି ରକ୍ତଦାନର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରକୁ ଶରତ କୁମାର ଦାସ, ବିକ୍ରମ ସାମଲ, ବିମଳ କଅଁର, ସୋମନାଥ ମହାରଣା, ଛବିରାଣୀ ନାୟକ, ପ୍ରଭାତ ନାହାକ ଓ ରୂପକ ପଲେଇ ପରିଚାଳନା କରିଥିଲେ। ଗାୟତ୍ରୀ ପରିବାର ବିଶ୍ୱମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପଞ୍ଚାନନ ଖଟୁଆ, ସହ ସଂଯୋଜକ ରବିନାରାୟଣ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରୁ ୧୧୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

### ଆତ୍ମନିର୍ଭରଶୀଳ କୃଷକ ସ୍ୱର୍ଣ୍ଣିମ ଅଭିଯାନ

କବିସୂର୍ଯ୍ୟନଗର,୫।୫(ଡି.ଏନ.ଏ.)- ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କୃଷି ଓ ଗ୍ରାମ ବିକାଶ ପ୍ରଭାଗ ଦ୍ୱାରା ଭାରତ ପରିକ୍ରମା କରୁଥିବା ଆତ୍ମ ନିର୍ଭରଶୀଳ କୃଷକ ସ୍ୱର୍ଣ୍ଣିମ ଅଭିଯାନ ଆରମ୍ଭ କରାଯାଇଛି। କବିସୂର୍ଯ୍ୟନଗର ବ୍ଲକ ସିଆଳିଆ, ଖରିଡା, ରାମ୍ପୁଡ଼ି, ବାଉଁଶିଆ, ନୂଆଗାଁ, ପଙ୍କଲବାଡ଼ି, ଗୋବିନ୍ଦପୁର, ପାଇକ ଯମୁନା, ଓସିଙ୍ଗି, ଆମ୍ବିଳାପଲ୍ଲୀ, ବରିଡା, ଆମ୍ବପୁଆ, ଏକାଦଶୀ, ବଳିଆପଲ୍ଲୀ ଗ୍ରାମ ତଥା ଏନ୍ଏସିର ବିଭିନ୍ନ ୱାର୍ଡ ପରିକ୍ରମା କରି ଶାଶ୍ୱତ ଯୌଗିକ କ୍ଷେତର ଉପଯୋଗିତା ତଥା ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ କବିସୂର୍ଯ୍ୟନଗର ପ୍ରଭୁ ପ୍ରୀତ ଭବନ ପରିସରରେ ଏକ ଆଧାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଏନ୍ଏସି ଅଧକ୍ଷା ଲକ୍ଷ୍ମୀ ସେଠୀ, ସମ୍ମାନିତ ଅତିଥି କବିସୂର୍ଯ୍ୟ ବିଜ୍ଞାନ ମହାବିଦ୍ୟାଳୟ ଅଧାପକ କେ.ପୁରୁଷୋତ୍ତମ ଏବଂ ସାମାଜିକକର୍ମୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟବକ୍ତା ରାଜଯୋଗିନୀ ବ୍ରହ୍ମା କୁମାରୀ ପ୍ରଭାତୀ ଭଉଣୀ ଅଭିଯାନର ସନ୍ଦେଶ ଦେବା ଅବସରରେ କହିଥିଲେ, ଗଞ୍ଜାମ ଓ ଗଜପତି ଜିଲାର ସମସ୍ତ ବ୍ଲକ ପରିକ୍ରମା କରି କୃଷକ ସମାଜର ସ୍ୱାଭିମାନ ପ୍ରତିଷ୍ଠା ତଥା ପାରମ୍ପରିକ କୃଷି ପଦ୍ଧତିରେ କୃଷି ଅର୍ଥନୀତିର ଅତୀତର ଇତିହାସକୁ ପୁନଃଜୀବିତ କରିବା ଏହାର ମୂଳ ଲକ୍ଷ୍ୟ।

# ଭାଷା ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର ଅଫିସ,୫।୫

ଭାଷା ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର ସଂସ୍କାରବାଦୀ ସଂଗଠନ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, ବ୍ୟବସାୟ ପ୍ରତିଷ୍ଠାନଗୁଡିକରେ ଇଂଲିଶରେ ନାମ ଫଳକ ଲେଖି ଓଡ଼ିଆ ଭାଷା ପ୍ରତି ଅପମାନ କରୁଛନ୍ତି। ଏଣୁ ରାଜ୍ୟ ସରକାରଙ୍କ ଭାଷା ଆଇନ ୧୯୫୬ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କୁ କଠୋର ଦଣ୍ଡର ବ୍ୟବସ୍ଥା କରିବା ପାଇଁ ସଂଘ ଦାବି କରିଛି। ରାଜ୍ୟ ସରକାର ଶ୍ରମ ଓ ନିୟୋଜନ ବିଭାଗର ନିର୍ଦ୍ଦେଶ କ୍ରମେ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ନାମ ଫଳକ ଏବଂ ଅନ୍ୟାନ୍ୟ କାଗଜ ପତ୍ର ଓଡ଼ିଆ ଭାଷାରେ ଲେଖିବା ପାଇଁ ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ନ ହେବା



ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ।

ପରିତାପର ବିଷୟ ବୋଲି ସଂଘ କହିଛି। ଜୁନ ୬ ସୁଦ୍ଧା ସହରର ବ୍ୟବସାୟୀ ପ୍ରତିଷ୍ଠାନର ନାମଫଳକ ଯଦି ଓଡ଼ିଆରେ ନାମକରଣ ନ ହୁଏ ତେବେ ସଂଘ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଦାବି ପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତ୍ରିନାଥ ମହାରଣା, ସାଧାରଣ ସମ୍ପାଦକ ଲଳିତ ମୋହନ ସାହୁ, ବଂଶୀଧର ଭୂୟାଁ, ଶିବ ପ୍ରସନ୍ନ ମିଶ୍ର, ଗୌରୀ ଶଙ୍କର ମହାନ୍ତି ଓ ଏସ୍.ଶିବା ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

## ଲାଞ୍ଚ ଗ୍ରହଣ ମାମଲା

ବ୍ରହ୍ମପୁର ଅଫିସ,୫।୫

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ତତ୍କାଳୀନ ମୋହନା ଉଦ୍ୟାନ ବିଭାଗ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସାହୁ (୬୨)ଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେ ବର୍ତ୍ତମାନ କାର୍ଯ୍ୟରୁ ଅବସର ନେଇସାରିଛନ୍ତି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ଏମ୍‌ଜିଏନ୍‌ଆରଜିଏସ୍‌ରେ ମୋହନାର ସନ୍ତୋଷ କୁମାର ମହାଣ୍ଡୁଡ଼ଙ୍କୁ ମୋହନା ଉଦ୍ୟାନ ବିଭାଗ ପକ୍ଷରୁ ଆମ୍ବ ଗଛ ମଞ୍ଜି ଲଗାଇବା ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏନେଇ ଚେକ୍ ପ୍ରଦାନ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ବିଜୟ ଆବେଦନକାରୀ ସନ୍ତୋଷଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଯୋଜନା ମୁତାବକ ୨୦୧୬ ଅଗଷ୍ଟ ୮ରେ ସନ୍ତୋଷ କନିଷ୍ଠ ଯନ୍ତ୍ରୀ ବିଜୟଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେଠାରେ ପୂର୍ବରୁ ଛକିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଯନ୍ତ୍ରୀ ବିଜୟଙ୍କଠାରୁ ୧୫ ହଜାର ଲାଞ୍ଚ ଟଙ୍କା ଜବତ କରିଥିଲା। ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତ ଯନ୍ତ୍ରୀ ବିଜୟଙ୍କୁ ଜାମିନ ମିଳିଥିଲା। ଗୁରୁବାର ଏହି ମାମଲାର ବିଚାରବେଳେ ଅଭିଯୁକ୍ତ ଯନ୍ତ୍ରୀ କୋର୍ଟରେ ହାଜର ହୋଇଥିଲେ। ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ କୁମାର ନାୟକ, ଗୋଲକ ରଞ୍ଜନ ତ୍ରିପାଠୀ ଓ ପ୍ରସନ୍ନ କୁମାର ସେଠୀ ମକଦ୍ଦମା ପରିଚାଳନା କରିଥିଲେ।

# ଠାକୁରାଣୀ ଯାତ୍ରା ଲାଗି ଉତ୍ସବମୁଖର ଆଙ୍କୁଲି

ବ୍ରହ୍ମପୁର ଅଫିସ,୫।୫

ବ୍ରହ୍ମପୁର ମହାନଗର ୪୦ନଂ. ୱାର୍ଡ ଆଙ୍କୁଲି ମା' କନକ ଦୁର୍ଗା ବୁଢ଼ୀ ଠାକୁରାଣୀ ଯାତ୍ରାର ଗୁରୁବାର ନବମ ଦିନ ବିତିଛି। ଯାତ୍ରା ଦାଣ୍ଡରେ ଏକାଧିକ କଳାକୁଞ୍ଜ ଖୋଲିଥିବାରୁ ଶ୍ରଦ୍ଧାଳୁଙ୍କ ଗହଳି ବଢ଼ିବାରେ ଲାଗିଛି। ନବମ ଦିନରେ ମା' ଅସ୍ଥାୟୀ ମଣ୍ଡପରେ ବିଶ୍ରାମ ନେଇଥିବାରୁ ଘଟ ପରିକ୍ରମା ବନ୍ଦ ହୋଇଛି। ସନ୍ଧ୍ୟା ଆଳତି ଦର୍ଶନ ପାଇଁ ମହିଳା ଓ ପୁରୁଷ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିଥିଲା। ଯାତ୍ରା ଅବଧି ଆଉ ମାତ୍ର ୬ ଦିନ ଥିବାରୁ ଆଖପାଖ ଅଞ୍ଚଳରୁ ଲୋକଙ୍କ ପ୍ରବଳ ସମାଗମ ହେଉଛି।

ଗତ ବୁଧବାର ରାତି ସୁଦ୍ଧା କନକ ଦୁର୍ଗାଙ୍କ ପାରମ୍ପରିକ ଘଟ ୧୬ ସାହି ପରିକ୍ରମା କରିଥିବା ଯାତ୍ରା ପରିଚାଳନା କମିଟି ସଭାପତି ତଥା ବିଜେଡି କର୍ପୋରେଟର ଭାଗୀରଥି ମହାରଣା ଓ ସହଯୋଗୀ ସୁଦାମ ଦାସ ସୂଚାଇଛନ୍ତି। ଆସନ୍ତା ୧୧ ତାରିଖ ରାତିରେ ଠାକୁରାଣୀ ଯାତ୍ରା ସମାପନ ହେବ ଏବଂ ମା' ନିଜସ୍ୱ ମନ୍ଦିରକୁ ବାହୁଡ଼ିବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଅପରପକ୍ଷରେ ଦୀର୍ଘବର୍ଷରୁ ଶିଳ୍ପାଞ୍ଚଳ ଓ ଆଙ୍କୁଲି ନିଶାମୁକ୍ତ ଅଞ୍ଚଳ ହୋଇଛି। ତେବେ ଯାତ୍ରା ଗହଳିରେ ମଦ୍ୟପାନ କରି ଆସୁଥିବା ଲୋକଙ୍କ ଉପରେ ଶାନ୍ତି କମିଟି ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିବା ଯାତ୍ରା କମିଟି ମୁଖ୍ୟ କହିଛନ୍ତି।

ଶୁକ୍ରବାର ରାତିରେ କନକ ଦୁର୍ଗାଙ୍କ ଘଟ ହରିହର ନଗର, ଗଙ୍ଗାନଗର ଓ ଆନନ୍ଦ ନଗର ବୁଲିବା ସହ ବାସିନ୍ଦାଙ୍କୁ ନିଜ ଦୁଆର ଆଗରେ ଦର୍ଶନ ଦେବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଯାତ୍ରା ପାଇଁ ଅଞ୍ଚଳରେ ନିରବଚ୍ଛିନ୍ନ ଜଳ ଯୋଗାଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

# ଦଣ୍ଡ ଚଢ଼େୟା ଲୋକ ନାଟ ସମାରୋହ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର ଅଫିସ,୫।୫

ଗଞ୍ଜାମ ଜିଲା ବରିଷ୍ଠ କଳାକାର ସଂଘ ପକ୍ଷରୁ ଦଣ୍ଡ ଚଢେୟା ଲୋକ ନାଟକ ସମାରୋହ ନେଇ ଗଞ୍ଜାମ କଳା ପରିଷଦଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଟ୍ୟ ସଂଗଠକ ବଳରାମ ଦାଶ ଅଧ୍ୟକ୍ଷତା କରିଥିଲେ। ପ୍ରାକ୍ତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ନାଟ୍ୟଶ୍ରୀ ଫାଉଣ୍ଡେଶନ ଅଧ୍ୟକ୍ଷ ଭବାନୀ ଶଙ୍କର ମିଶ୍ର, ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର, ଉପସଭାପତି ଇଂ.ମନୋଜ ଦଣ୍ଡପାଟ, ଶାଶ୍ୱତୀ ପ୍ରଗତିଶୀଳ ନାଟ୍ୟାନୁଷ୍ଠାନ ସଭାପତି ରାମ ଚନ୍ଦ୍ର ସାସମଲ ଯୋଗ ଦେଇଥିଲେ। କଳାକାରଙ୍କ ମଧ୍ୟରେ ଭାଇଚାରା ଉଦ୍ରେକ ନିମନ୍ତେ ସମସ୍ତ ସାଂସ୍କୃତିକ ସହ ସୁସମନ୍ୱୟ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ସଂଘ ସଦସ୍ୟ ବୃନ୍ଦ।

ରକ୍ଷା ପ୍ରସଙ୍ଗରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଦଣ୍ଡ ଚଢେୟା ଲୋକ ନାଟ ସମାରୋହ ଓ ତାହାର ପ୍ରମୁଖ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ଆସନ୍ତା ୧୫ ତାରିଖରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଳାକାର ସମ୍ମିଳନୀ ସମ୍ପାଦକ ରମେଶ ମହାରଣା, ଓଡ଼ିଶା ନାଟକ ସମାରୋହ ସମିତି ସମ୍ପାଦକ ଶଙ୍କର୍ଷଣ ସାବତ, କଳା ଓ କଳାକାର ପ୍ରତିଷ୍ଠାନ ସମ୍ପାଦକ ଡ.ମିହିର ତ୍ରିପାଠୀ ଓ କୈଳାସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ସମୁଦ୍ରରୁ ଅଳ୍ପକେ ବର୍ତ୍ତିଲେ ୨ଜଣ

ଗୋପାଳପୁର,୫।୫(ଡି.ଏନ.ଏ.)

ଗୋପାଳପୁର ସମୁଦ୍ରରେ ଗାଧୋଉଥିବା ବେଳେ ଜଣେ ନାବାଳକ ଓ ଜଣେ ଯୁବକ ଗୁରୁବାର ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। ସେ ଦୁହେଁ ହେଲେ ବ୍ରହ୍ମପୁର ଖାଜା ସାହିର ଏସ୍‌କେ ରିହାନ ଓ ସାଲିମ ବୋଲି ଜଣାପଡ଼ିଛି। ସୂଚନାନୁସାରେ ବ୍ରହ୍ମପୁର ମହାନଗର ଖାଜା ସାହି ୫ମ ଗଳି ଏକ ପରିବାରର ୭ରୁ ୮ ଜଣ ଗୁରୁବାର ମଧ୍ୟାହ୍ନରେ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ଏସ୍‌କେ ରିହାନ ସମୁଦ୍ରରେ ଗାଧୋଉଥିବା ବେଳେ ହଠାତ୍ ବଡ଼ ଲହଡ଼ି ଆସିବା ଫଳରେ ସେ ଭିତରକୁ ଚାଲି ଯାଉଥିଲେ। ଏହାକୁ ଦେଖି ସାଲିମ ରିହାନଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ସେ ମଧ୍ୟ ସମୁଦ୍ର ମଧ୍ୟକୁ ଚାଲି ଯାଇଥିଲେ। ସେଠାରେ ଉପସ୍ଥିତ ଲାଇଫ ଗାର୍ଡ ଜି. ଜଗନ୍ନାଥ ପାଣିରେ ପଶି ଉଭୟଙ୍କୁ ଉଦ୍ଧାର କରିଥିଲେ। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଜି.ଚିଁଟିବାବୁ ଓ ଜି.ଜଗନ୍ନାଥ ଉଭୟ ଲାଇଫ ଗାର୍ଡ ସମୁଦ୍ର ମଧ୍ୟକୁ ଚାଲି ଯାଉଥିବା ସମୟରେ ୧୬୧ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ହୋଇଛି ।

### ରାଜଧାନୀରୁ ୨୦୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଭୁବନେଶ୍ୱର, ୫।୫(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ବେଧଡ଼କ ଭାବେ ଚାଲିଛି ବ୍ରାଉନସୁଗାର କାରବାର। ତେବେ ଏଥିରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ଗୁରୁବାର ସାଲିଆସାହି ବସ୍ତିରେ ଅବକାରୀ ବିଭାଗ ଚଢାଉ କରି ୨୦୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିବା ସହ ଏହି ମାମଲାରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ଭଞ୍ଜନଗରର ରାଜୀବ ପଣ୍ଡା। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟର ଦଫା ୨୧(ବି)ରେ ଏକ ମାମଲା(ନଂ. ୫୩/୨୨-୨୩) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁଯାୟୀ ରାଜୀବ ସାଲିଆସାହି ବସ୍ତିରେ ରହି ବ୍ରାଉନସୁଗାର ବେପାର କରୁଥିବା ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା। ତେଣୁ ତାଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ଯୋଜନା ପ୍ରସ୍ତୁତ କରିଥିଲା। ଗୁରୁବାର ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍‌ର ୨୦ ଜଣିଆ ଟିମ୍ ପୂର୍ବ ଯୋଜନା ମୁତାବକ ସାଲିଆ ସାହି ବସ୍ତିରେ ଚଢ଼ାଉ କରି ରାଜୀବଙ୍କୁ ଧରିବା ସହ ତାଙ୍କୁଠାରୁ ବ୍ରାଉନସୁଗାର ଜବତ କରିଥିଲା। ଚଢ଼ାଉ ସମୟରେ ରାଜୀବଙ୍କ ପାଖକୁ ଜଣେ ବ୍ରାଉନସୁଗାର ବେପାରୀ ଆସିଥିଲେ, ହେଲେ ସେ ଅବକାରୀ ଟିମ୍‌କୁ ଦେଖି କୌଶଳକ୍ରମେ ସେଠାରୁ ଖସିଯିବାରେ ସମର୍ଥ ହୋଇଥିଲେ। ପୂର୍ବରୁ ଗତ ୨୦ ତାରିଖରେ ଅବକାରୀ ବିଭାଗ ଉକ୍ତ ବସ୍ତିରେ ଚଢ଼ାଉ କରି ଜଣେ ମହିଳାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୫୬ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା। ଗୋଟିଏ ଅଞ୍ଚଳରୁ ୧୫ଦିନ ଅନ୍ତରରେ ୨ଜଣ ବ୍ରାଉନସୁଗାର କାରବାର କରୁଥିବା ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି। ତେଣୁ ସାଲିଆସାହିରେ ନିଶା କାରବାର ଅବାଧ ଭାବେ ଚାଲୁଥିବା ଜଣାପଡ଼ିଛି।

# ବୃଦ୍ଧାଶ୍ରମ ପାଇଁ ଭିତ୍ତିପ୍ରସ୍ତର



ବିଧାୟିକା ମଞ୍ଜୁଳା ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ଆସିକା,୫।୫(ଡି.ଏନ୍.ଏ.)

ଆସିକା ବ୍ଲକ ଖାରିଆ ପଞ୍ଚାୟତ ଅନ୍ତର୍ଗତ ହୁମୁକି ଗ୍ରାମ ନିକଟରେ ଏକ ବୃଦ୍ଧାଶ୍ରମ ପ୍ରତିଷ୍ଠା ଲାଗି ଗୁରୁବାର ବିଧାୟିକା ମଞ୍ଜୁଳା ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେଠାରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ସରପଞ୍ଚ ଜୟନ୍ତୀ ସାହୁ, ସମିତିସଭ୍ୟା ସୌଦାମିନୀ ନାହାକ, ଜିଲାପରିଷଦ ସଦସ୍ୟ ମନୋଜ କୁମାର ଦୋରା, ଦିଲୀପ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡା, ଅନିଲ କୁମାର ନାୟକ, ରାଜେଶ ପଟ୍ଟନାୟକ, ଅଭିମନ୍ୟୁ ନାହାକଙ୍କ ସମେତ ବହୁ ସରପଞ୍ଚ ଉପସ୍ଥିତ ଥିଲେ । ବିଧାୟକାଙ୍କ ନିଜସ୍ୱ ଉଦ୍ୟମରେ ହେବାକୁ ଥିବା ଏହି ବୃଦ୍ଧାଶ୍ରମରେ ପ୍ରାଥମିକ ପର୍ଯ୍ୟାୟରେ ୧ ଏକର ପରିମିତ ଜାଗାରେ ୫୦ଲକ୍ଷ ଟଙ୍କା ବ୍ୟୟବରାଦରେ ୫୦ଜଣ ଅନ୍ତେବାସୀ ରହିଲା ଭଳି ଯୋଜନା କରାଯାଇଛି । ପରବର୍ତ୍ତୀ ଅବସ୍ଥାରେ ବେସରକାରୀ ଓ ସରକାରୀ ଅନୁଦାନକୁ ନେଇ ଏହାର କଳେବର ବୃଦ୍ଧି ଲାଗି ଯୋଜନା ଥିବା ଯୁବନେତା ନଚିକେତା ସ୍ୱାଇଁ ସୂଚନା ଦେଇଛନ୍ତି ।

# ମୌଳିକ ସମସ୍ୟା ନେଇ ଏନଏସି ଅଧକ୍ଷାଙ୍କ ସହ ଭୃଗୁଙ୍କ ଆଲୋଚନା

ରମ୍ଭା,୫।୫

ରାଜ୍ୟ ଭାଜପା ଉପସଭାପତି ଭୃଗୁ ବକ୍ସିପାତ୍ର ରମ୍ଭା ଏନ୍ଏସି ଅଧକ୍ଷା ମାନସୀ ସ୍ୱାଇଁଙ୍କ ସହ ଗୁରୁବାର ସାକ୍ଷାତକରି ବିଭିନ୍ନ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହିତ ପୂର୍ବତଟ ରେଳବାଇର ରମ୍ଭା ରେଳ ଷ୍ଟେଶନରେ ଦ୍ରୁତଗାମୀ ଟ୍ରେନ ରହଣି, ବାଦପଲ୍ଲୀ ବାଇପାସ୍ ରାସ୍ତାରେ ଓଭରବ୍ରିଜ ନିର୍ମାଣ, ଚିକିତ୍ସାଳୟର ଉନ୍ନତୀକରଣ ସମେତ ଅଭାବ ଅସୁବିଧା ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ଉପରୋକ୍ତ ବୈଠକରେ ଭାଜପା ନଗର ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଅଧକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ, ଲୋକନାଥ ଗୌଡ଼, ଲକ୍ଷ୍ମଣ ପାତ୍ର, ମହେଶ୍ୱର ବେହେରା, ଭୀମସେନ ବେହେରା, ବାପି ଜେନା, ରମେଶ ସାହୁ, ନାଗେଶ୍ୱର ବେହେରା, ସୁଦର୍ଶନ ସେନାପତି, ମୁନା ସ୍ୱାଇଁ, କେଦାର ବାରିକ, ପିଙ୍କୁ ଗୌଡ଼, ବାବୁଲା ସେଠୀ ଓ ବୁଲୁ ଗୌଡ଼ଙ୍କ ସମେତ କାଉନସିଲର ଓ ଅନେକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଅସ୍ଥାୟୀ ମଣ୍ଡପରେ ପଞ୍ଚଦେବୀଙ୍କ ପୂଜା



ଅସ୍ଥାୟୀ ମଣ୍ଡପରେ ପଞ୍ଚଦେବୀଙ୍କ ପୂଜା ଚାଲିଛି ।

ଫୁଲବାଣୀ ଅଫିସ, ୫।୫

ଫୁଲବାଣୀର ପ୍ରସିଦ୍ଧ ମା' ନାରାୟଣୀଙ୍କ ଯାତ୍ରା ଗତ ୩ ତାରିଖରୁ ଆରମ୍ଭ ହୋଇଛି। ଯାତ୍ରା କାର୍ଯ୍ୟାଳୟ ପାଖ ଅସ୍ଥାୟୀ ମଣ୍ଡପରେ ଏବେ ପଞ୍ଚଦେବୀଙ୍କ ପୂଜାର୍ଚ୍ଚନା ଚାଲିଛି। ମା' ନାରାୟଣୀ, ବରାଳଦେବୀ, ବ୍ୟାଘ୍ରଦେବୀ, ବ୍ରାହ୍ମଣୀଦେବୀ ଓ ଗ୍ରାମଦେବୀଙ୍କ ଦର୍ଶନ ଲାଗି ବହୁ ସଂଖ୍ୟାରେ ଭକ୍ତଙ୍କ ଭିଡ ହେଉଛି। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି। ଦୀର୍ଘ ୫ ବର୍ଷ ପରେ ଯାତ୍ରା ହେଉଥିବାରୁ ଜିଲାର ବିଭିନ୍ନ ସ୍ଥାନରୁ ଲୋକେ ଏଠାକୁ ଆସୁଛନ୍ତି । ଭିଡକୁ ଦେଖି ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେଠାରେ ଏକ ଅସ୍ଥାୟୀ ପୋଲିସ ଫାଣ୍ଡି କରାଯାଇଛି। ଯାତ୍ରାର ତୃତୀୟ ସନ୍ଧ୍ୟାରେ କମଳଗାନ୍ଧା ଭଜନ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ପୌର ପରିଷଦର ନିର୍ବାହୀ ଅଧିକାରୀ ବଳଦେବ ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଯାତ୍ରା ପରିଚାଳନା କମିଟିର ସଭାପତି ପି.ସୁଧାଂଶୁ କୁମାର ସେନାପତି, ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ, ଉପ ସଭାପତି ସୁଜିତ ବେହେରା, ସାଂସ୍କୃତିକ ସମ୍ପାଦକ ଭି.ଲୋକନାଥ ରାଜୁ ଓ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରତ୍ୟେକ ଦିନ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଥିବା ବେଳେ ବିଟିଏମ୍ ପଡ଼ିଆରେ ମିନା ବଜାର ପଡିବ ବୋଲି କମିଟି କହିଛି।

# ଲକ୍ଷ୍ମୀ ନୃସିଂହ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥିମାନେ।

ପାତ୍ରପୁର,୫।୫(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲି ପଞ୍ଚାୟତ ଚୁଡିଆଲାଞ୍ଜି ଗ୍ରାମରେ ଗୁରୁବାରଠାରୁ ଲକ୍ଷ୍ମୀ ନୃସିଂହ କ୍ରିକେଟ ଟର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସାମନ୍ତିଆପଲ୍ଲି ସରପଞ୍ଚ ନାରତ୍ତୁ ତିରୁପତି, ସମିତି ସଭ୍ୟ ପ୍ରଶାନ୍ତ ସାହୁ, ବଲ୍ଲଭ ମହାନ୍ତି ଓ ଏମ. ଅଲେଖ ଅତିଥି ଭାବେ ଯୋଗଦେଇ ଥିଲେ। ଚୁଡିଆଲାଞ୍ଜିର ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଆୟୋଜିତ ଏହି ଗ୍ରାମାଞ୍ଚଳ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୩୨ଟି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଆମ୍ବଗାଁ ଓ ସହ ଭେଜିପଦର ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଭେଜିପଦର ଟିମ ବିଜୟୀ ହୋଇଛି। ମ୍ୟାଚରେ ଯେଉଁ ଖେଳାଳି ଲଗାତାର ୩ଟି ଛକା ମାରିବେ ତାଙ୍କୁ ୫୦୦ଟଙ୍କା, ୩ଟି ଉଇକେଟ ନେବେ ତାଙ୍କୁ ୧୦୦୦ଟଙ୍କା ଓ ମ୍ୟାଚ ଆରମ୍ଭର ପ୍ରଥମ ବଲରେ ଛକା ମାରିବା ଖେଳାଳିଙ୍କୁ ୫୦୦ଟଙ୍କା ଲେଖାଏ ପୁରସ୍କାର ଦିଆଯିବ ବୋଲି ଟୁର୍ଣ୍ଣାମେଣ୍ଟ ଆୟୋଜକମାନେ କହିଛନ୍ତି।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଡିଜିଟାଲ ସାକ୍ଷରତା ଅଭିଯାନ ଅଧୀନରେ ଏସ୍‌ଏଚ୍‌ଜିଙ୍କୁ ପ୍ରଶିକ୍ଷଣ

ବ୍ରହ୍ମପୁର ଅଫିସ,୫।୫

ଡିଜିଟାଲ ଶିକ୍ଷଣୀୟ ଆଉଟ ରିଚ୍‌ରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ୍ ଆବଣ୍ଟନ ପାଇଁ ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏସ୍‌ଓଡିଏଲ) ଏହାର ସମସ୍ତ ଲାଇସେନ୍ସପ୍ରାପ୍ତ କାର୍ଯ୍ୟ କ୍ଷେତ୍ର ଅଞ୍ଚଳରେ ଡିଜିଟାଲ ସାକ୍ଷରତା ଅଭିଯାନ ଆୟୋଜନ କରାଯାଇଛି। ଏଥିରେ ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡା, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ବୌଦ୍ଧ ଜିଲା ସାମିଲ ରହିଛି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ସଦସ୍ୟା, ଯୁବବର୍ଗ, କଲେଜ ଯାଉଥିବା ଛାତ୍ରୀ, ପଞ୍ଚାୟତିରାଜ ପ୍ରତିନିଧି, ଆଶା ଓ ଅଙ୍ଗନୱାଡି କର୍ମୀ ପ୍ରଶିକ୍ଷଣ ପାଇଁ ଏନଜିଓ ସହଯୋଗୀ



ଟିପିଏସ୍‌ଓଡିଏଲ ପକ୍ଷରୁ ପ୍ରଶିକ୍ଷଣ।

ସହ ମିଶି କମ୍ପାନୀ ଅଧିକାରୀମାନେ ଘର ଘର ବୁଲି ଅଭିଯାନ ଚଳାଉଛନ୍ତି। ଗ୍ରାମୀଣ ଗୋଷ୍ଠୀଙ୍କୁ ଡିଜିଟାଲ ଦୁନିଆ ବିଷୟରେ ଅବଗତ କରିବା ଲକ୍ଷ୍ୟ ନେଇ ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି। କମ୍ପାନୀ ପକ୍ଷରୁ ଅଭିଯାନ ସମୟରେ ଅନ୍‌ଲାଇନ୍ ପେମେଣ୍ଟର ବିଭିନ୍ନ ଦିଗ ଉପରେ ଆଇଇସି (ସୂଚନା, ଶିକ୍ଷା, ଯୋଗାଯୋଗ) ଉପକରଣ ବିତରଣ କରାଯାଉଛି। ଏହି ଅଭିଯାନ ହିତାଧିକାରୀମାନଙ୍କୁ ଡିଜିଟାଲ ଦୃଶ୍ୟପଟକୁ ଭଲ ଭାବେ ବୁଝାଇଥିବା ଓ ଡିଜିଟାଲ ପେମେଣ୍ଟ ଲାଭ ବିଷୟରେ ଜାଣିବାରେ ସହାୟକ ହେଉଛି ବୋଲି ଟିପିଏସ୍‌ଓଡିଏଲ ପକ୍ଷରୁ କୁହାଯାଇଛି। ଏକ ସାମାଜିକ କଲ୍ୟାଣ ସଂଗଠନ ଏଆଇଡିଇଏନଟି ଏନଜିଓ ସହଯୋଗୀଙ୍କ ସହଯୋଗରେ ଟିପିଏସଓଡିଏଲ ପକ୍ଷରୁ ଏହି ଅଭିଯାନର ସଫଳତା ପାଇଁ ଦୁର୍ଗମ ପାହାଡିଆ ଅଞ୍ଚଳ ଓ ଆଦିବାସୀ ଗ୍ରାମଗୁଡିକରେ ଘର ଘର ପରିଦର୍ଶନ କରାଯାଉଛି। ଯେ କୌଣସି ପ୍ରକାର ବିଦ୍ୟୁତ୍ ସମସ୍ୟାର ସାହାଯ୍ୟ ପାଇଁ ୧୮୦୦-୩୪୫-୬୭୯୭/୧୯୧୨ ଡାଏଲ କରିବାକୁ ଗ୍ରାହକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ଏଥିସହ ବଡ ଧରଣର ଗୋଷ୍ଠୀ ବିକାଶ ଉପରେ ଟିପିଏସ୍‌ଓଡିଏଲ ଗୁରୁତ୍ୱ ସର୍ବଦା ବଜାୟ ରହିଛି ବୋଲି ଟିପିଏସ୍‌ଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂ କହିଛନ୍ତି। ଲୋକଙ୍କୁ ଡିଜିଟାଲ ବିଷୟରେ ଅବଗତ କରୁଛୁ। ସମାଜକୁ ବଡ ଧରଣର ଲାଭ ପହଞ୍ଚାଇବା ଓ ଡିଜିଟାଲ ବିଭେଦକୁ ଦୂର କରିବା ପାଇଁ ପଦକ୍ଷେପ ଗ୍ରହଣ ଜାରି ରଖିବୁ ବୋଲି ସେ କହିଛନ୍ତି।

